ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ରାଷ୍ଟ୍ରୀୟ ସ୍ୱାର୍ଥ

ଭାରତର ଭୂମିକା କ'ଣ ହୋଇପାରେ ବର୍ତ୍ତମାନ ପରିସ୍ଥିତିରେ ? ଏପରି କହିଲେ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିହେବ । କେଉଁ କ୍ଷେତ୍ରରେ ଭାରତର ଭୂମିକା କ'ଣ ହୋଇପାରେ ଏବଂ କିପରି ହୋଇପାରେ, ଏହା ଏତେ ସାଧାରଣ ପ୍ରସଙ୍ଗ ନୁହେଁ; ଏ ଦିଗରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା-ପ୍ରତ୍ୟାଲୋଚନା ହୋଇପାରେ । ଦେଶରେ କେବଳ ଗୋଟିଏ ପ୍ରସଙ୍ଗ ନାହିଁ, ଅନେକ ପ୍ରସଙ୍ଗ ରହିଛି । ବହୁବିଧ ମୁଖ୍ୟ ପ୍ରସଙ୍ଗ ରହିଛି ଏବଂ ସବୁ ପ୍ରସଙ୍ଗର ପ୍ରାସଙ୍ଗିକତା ରହିଛି । କେଉଁଟା ଆଗେ ଏବଂ କେଉଁଟା ପଛେ, ତାହା ଭିନ୍ନ କଥା ହେଲେ ସବୁ ପ୍ରସଙ୍ଗ ଉପରେ ଆଲୋଚନା ପର୍ଯ୍ୟାଲୋଚନାର ଆବଶ୍ୟକତା ରହିଛି ଏବଂ ସେଥିନେଇ କିଛି ସଫଳ କାର୍ଯ୍ୟକ୍ରମର ବି ରହିଛି ଆବଶ୍ୟକତା ଯାହା ଭାରତ ସରକାର କରୁଛନ୍ତି । ଦେଶର ଉନ୍ନତି ନେଇ, ଦେଶର ପ୍ରଗତି ନେଇ ବହୁ ଆରମ୍ଭରୁ ଦେଶରେ ଦୀର୍ଘବର୍ଷ ଧରି ଶାସନରେ ଥିବା କଂଗ୍ରେସ ସରକାର ବି ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲା । କିଛିଟାରେ ସଫଳ ହୋଇଥିଲା ଏବଂ ଆଉ କିଛିରେ ବିଫଳ ହୋଇଥିଲା । ତେବେ ନେହରୁଙ୍କ ସମୟର କଂଗ୍ରେସ ସରକାର ଅମଳରେ ଦେଶରେ ବହୁବିଧ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ଏପରିକି ଦେଶରେ ପଂଚଶୀଳ ନୀତି ଆଧାରରେ ପଂଚସୂତ୍ରୀ କାର୍ଯ୍ୟକ୍ରମ ବି ହାତକୁ ନେଇଥିଲା କଂଗ୍ରେସ ସରକାର ସେହି ଭିତ୍ତିରେ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲା । ହେଲେ ସେସବୁରେ ସଂସ୍କାରର ଅନେକ କମି ରହିଥିଲା ଯେଉଁଥିପାଇଁ ଦେଶରେ ପ୍ରକୃତ ପ୍ରଗତି ହୋଇପାରିନଥିଲା । ଦେଶରେ ମାଓବାଦ ହେଉ କିମ୍ବା ଦେଶର ସୀମାରେ ମୁସଲିମ୍ ସନ୍ତ୍ରାସବାଦ ହେଉ କିମ୍ବା ଆଉ କିଛି ସମସ୍ୟା କାରଣରୁ ବିଶ୍ୱରେ ସବୁବେଳେ ନିନ୍ଦିତ ହେଉଥିବା ଭାରତ କେବେ ତା'ର ଧର୍ମ ନିରପେକ୍ଷତା ନୀତି କାରଣରୁ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ଯାହା ଏବେ ବି ବଜାୟ ରହିଛି । ସେହି ଭାରତ ଏବେ ସମସ୍ୟାଘେରରେ ଛନ୍ଦି ହୋଇଯାଇଛି । ମାଓବାଦ, ସନ୍ତ୍ରାସବାଦ ଭଳି ଗମ୍ଭୀର ସମସ୍ୟା ସହ ଦେଶରେ ସମୟ ସମୟରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ଆନ୍ଦୋଳନ ଦେଶ ପାଇଁ ବହୁତ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ଯାହା ଦେଶର ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ସାଂପ୍ରତିକୀ ପରିସ୍ଥିତିରେ ଦେଶର ବିଭିନ୍ନ ସମସ୍ୟା ଏବେ ସରକାରଙ୍କ ପାଇଁ ବହୁତ ବଡ଼ ଚାଲେଞ୍ଜ ସୃଷ୍ଟି କରିଛି । ଏନ୍‌ଡିଏ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ଏବେ ଦେଶରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛି ଯାହା ମଧ୍ୟରେ ବିଭିନ୍ନ ରାଜ୍ୟରେ ମାଓବାଦ ସମସ୍ୟା ରହିଛି ଏବଂ ଦେଶର ସୀମାରେ ରହିଛି ସନ୍ତ୍ରାସବାଦ ସମସ୍ୟା । ଏହା ଏବେ ଦେଶ ପାଇଁ ବହୁତ ବଡ ସମସ୍ୟା । ଏହା ବାହାରେ ବି ରହିଛି ଆହୁରି ଅନେକ ସମସ୍ୟା ଯାହା ମଧ୍ୟରେ ରହିଛି ଚାଇନାର ଚାଲ୍‌ବାଜି । ଏହା ବାଦ୍ ଦେଶରେ ଛୋଟବଡ଼ ବିଭିନ୍ନ ପ୍ରକାର ସମସ୍ୟା ରହିଛି ଯାହା ସହିତ ପ୍ରତି ମୁହୂର୍ତ୍ତରେ ଯୁଝୁଛନ୍ତି ସରକାର । ତେବେ ଏତେସବୁ ସମସ୍ୟା ସମାଧାନ ଦିଗରେ ଭାରତର କି ଭୂମିକା ରହିଛି, ସରକାରଙ୍କ କି ଭୂମିକା ରହିଛି, ତାକୁ ନେଇ କେବଳ ଚିନ୍ତା । ଏବେ ସରକାରଙ୍କ ଏପରି ଚିନ୍ତାକୁ ଆହୁରି ଦ୍ୱିଗୁଣିତ କରିଛି ଚାଷୀ ଆନ୍ଦୋଳନ । ଭାରତରେ କରୋନା ମହାମାରୀ ଦୀର୍ଘ ଦିନରୁ ତା'ର କାୟା ବିସ୍ତାର କରି ଦେଶର ଅର୍ଥବ୍ୟବସ୍ଥାକୁ ନିମ୍ନଗାମୀ କରିଦେଇଛି । ଗୋଟିଏ ପଟେ ଚାଇନା-ପାକିସ୍ତାନ ସମସ୍ୟା, ଗୋଟିଏ ପଟେ ମାଓବାଦ-ସନ୍ତ୍ରାସବାଦ ସମସ୍ୟା, ଗୋଟିଏ ପଟେ କରୋନା ସମସ୍ୟା ଏବଂ ଆଉ ଗୋଟିଏ ପଟେ ଦେଶର କେତେକ ଅନ୍ତର୍ନିହିତ ସମସ୍ୟା, ସରକାର ବହୁ ପରିମାଣରେ ଚିନ୍ତିତ ହୋଇପଡ଼ିଛନ୍ତି । ଏକାଧିକ ସମସ୍ୟା ଏବେ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି । ଚାରିପଟୁ ସମସ୍ୟା, ଚାରି ଦିଗରୁ ସମସ୍ୟା ଏବେ ସରକାରଙ୍କ ପାଇଁ ପାଲଟିଯାଇଛି ଏକ ବହୁତ ବଡ଼ ଆହ୍ୱାନ ଯାହାର ସମ୍ମୁଖୀନ ହେବା ସରକାରଙ୍କ ପାଇଁ କୌଣସି ବଡ଼ ଚାଲେଞ୍ଜ ଠାରୁ କିଛି କମ୍ ନୁହେଁ । ସବୁ ଚାଲେଞ୍ଜକୁ ସାମ୍ନାକରି ସରକାର ଦେଶହିତରେ ଯେଉଁ ଜନକଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରୁଛନ୍ତି, ତାହା ସାଧାରଣସ୍ତରରେ କାହାପାଇଁ କେତେଦୂର ଗ୍ରହଣୀୟ ତାହା ଭିନ୍ନ କଥା ହେଲେ ସରକାର ସେସବୁ ନୀତି ପ୍ରଣୟନରେ କେବେ ବି ସାଲିସ କରିବା ଉଚିତ ନୁହେଁ କାରଣ ଦେଶର ସାମଗ୍ରିକ ହିତରେ କିଛି ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରିବା ପାଇଁ ପଡ଼ିବ । କିଛି ଲୋକଙ୍କ ସ୍ୱାର୍ଥକୁ ବଳିଦେବାକୁ ପଡ଼ିବ ।

## ବାସ୍ତୁ ଓ ବେଡ଼ରୁମ୍

### ।। ଅଜୟ କୁମାର ବେହେରା ।।

ବଢ଼ିଛି ଜୀବନର ବ୍ୟସ୍ତତା । ଅନିୟମିତ ହୋଇଛି ଦିନଚର୍ଯ୍ୟା । ତା ସହିତ ସୃଷ୍ଟି ହୋଇଛି ଅନିଦ୍ରାର ସମସ୍ୟା । ମଣିଷ ଆଜି ଟିକେ ସୁଖନିଦ୍ରା ପାଇଁ ହେଉଛି ଛଟପଟ । ତେବେ ଯଦି ବାସ୍ତୁଶାସ୍ତ୍ର ଅନୁଯାୟୀ ବେଡ଼ରୁମ୍ ସଜାଯାଏ ଏହି ସମସ୍ୟାରୁ ପାଇପାରିବେ ନିସ୍ତାର । ବେଡ଼ରୁମ୍‌ରେ ଖଟକୁ ଏମିତି ରଖନ୍ତୁ, ଯଦ୍ୱାରା ଶୋଇବା ସମୟରେ ମୁଣ୍ଡ ସର୍ବଦା ଦକ୍ଷିଣ ଦିଗ ଓ ଗୋଡ଼ ଉତ୍ତର ଦିଗକୁ ରହିବ । କାରଣ ବୈଜ୍ଞାନିକ କାରଣ କହେ, ଉତ୍ତର ଦିଗ ହେଉଛି ଚୁମ୍ବକତ୍ୱ ଦିଗ । ଏହି ଦିଗକୁ ମୁଣ୍ଡକରି ଶୋଇଲେ ରାତି ସାରା ଚୁମ୍ବକତ୍ୱର ପ୍ରଭାବ ମୁଣ୍ଡ ଉପରେ ପଡ଼ିଥାଏ । ବିଶେଷକରି ରକ୍ତରେ ଥିବା ଲୌହାଂଶ ଏହାଦ୍ୱାରା ପ୍ରଭାବିତ ହୋଇଥାଏ । ଫଳରେ ମୁଣ୍ଡ ଟାଣିହେବା ପ୍ରତି ଲାଗିବା ସହ ସକାଳେ ଉଠିବା ପରେ ମୁଣ୍ଡ ଭାରି ଭାରି ଲାଗେ । ଏତଦ୍‌ବ୍ୟତୀତ ଆପଣ ମୁଣ୍ଡକୁ ପୂର୍ବ କିମ୍ବା ପଶ୍ଚିମ ଦିଗକୁ ବି ରଖି ଶୋଇପାରିବେ । ଖଟର ମୁଣ୍ଡ ପଟେ କାନ୍ଥ ରହିବା ଭଲ, କୌଣସି ଝରକା କିମ୍ବା କବାଟ ରହିବା ଭଲ ନୁହେଁ । କାରଣ କବାଟ କି ଝରକା ଥିଲେ ମନରେ ଅସୁରକ୍ଷିତ ଭାବ ଉତ୍ପନ୍ନ ହୋଇଥାଏ ।

ବେଡ଼ରୁମ୍‌ରେ କୌଣସି ଦର୍ପଣ ରହିବା ମଧ୍ୟ ଭଲ ନୁହେଁ । ଯଦି ଦର୍ପଣ ଥାଏ ତାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିଦିଅନ୍ତୁ କିମ୍ବା ରାତିରେ ଏହାକୁ କପଡ଼ାରେ ଢ଼ାଙ୍କି ଦିଅନ୍ତୁ । କାରଣ ରାତିରେ ଦର୍ପଣକୁ ଦେଖିଲେ ରୁମ୍‌ରେ ଆଉ କେହି ଥିବା ପରି ମନେହୋଇଥାଏ । ଏହାଦ୍ୱାରା ବ୍ୟକ୍ତିଙ୍କ ଶରୀରର ଉର୍ଜା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ଏଥିସହିତ ବେଡ୍‌ରୁମ୍‌ରେ କୌଣସି ବଡ଼ ଜଳପାତ୍ର, ଆକ୍ୱାରିୟମ୍ ରଖନ୍ତୁ ନାହିଁ । କାରଣ ଏହା ବେଡ଼ରୁମ୍‌ର ଶାନ୍ତ ପରିବେଶରେ ବ୍ୟାଘାତ ସୃଷ୍ଟି କରିଥାଏ ।

ଘର ସଜାଇବାବେଳେ ଏମିତି କିଛି ଫଟୋ କାନ୍ଥରେ ଲଗାନ୍ତୁ ନାହିଁ ଯାହା ଦୁଃଖ ଓ ଯନ୍ତ୍ରଣାର ଭାବକୁ ବ୍ୟକ୍ତ କରୁଥିବ । ଏହା ବଦଳରେ ଆପଣ ଭଲପାଇବା, ସ୍ନେହ, ପ୍ରେମ, ନିଜସ୍ୱ ପଣର ପ୍ରତୀକ ଥିବା ପେଣ୍ଟିଂ ଲଗାନ୍ତୁ । ଏଥିସହିତ ଧ୍ୟାନ ଦେବା ଜରୁରୀ ଯେ, ବେଡ଼ରୁମ୍ କାନ୍ଥକୁ ଅନେକଗୁଡ଼ିଏ ପେଣ୍ଟିଂ, ଶୋ'ପିସ୍ ଆଦିରେ ସଜାଇ ଭର୍ତ୍ତି କରନ୍ତୁ ନାହିଁ । ବେଡ଼ରୁମ୍ କାନ୍ଥରେ ଉତ୍ତେଜିତ ରଙ୍ଗ ଯେମିତିକି ଗାଢ଼ ନାଲ, ଗାଢ଼ ସବୁଜ ରଙ୍ଗରେ ପେଣ୍ଟ କରନ୍ତୁ ନାହିଁ । ବରଂ ହାଲ୍‌କା ହଳଦିଆ, ଆଇଭରି ଅଫ୍ ହ୍ୱାଇଟ, ଲାଇଟ ପିଙ୍କ ଭଳି ରଙ୍ଗରେ ପେଣ୍ଟ କରନ୍ତୁ । ଆଉ ଛାତକୁ ସବୁବେଳେ ଧଳା ରଙ୍ଗରେ ପେଣ୍ଟ କରନ୍ତୁ । ଯଦି ଚାହାନ୍ତି ଛାତର ବର୍ଡ଼ରରେ କାନ୍ଥ ସହ ମ୍ୟାଚିଂ କରି କିମ୍ବା କଣ୍ଟ୍ରାଷ୍ଟ କଲର୍‌ର ପେଣ୍ଟ ଲଗାଇପାରିବେ । ବେଡ଼ରୁମ୍‌ରେ ଅଧିକ ଗାଢ଼ ଓ ଏକରୁ ଅଧିକ ରଙ୍ଗ ବ୍ୟବହାର କଲେ ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ । ଅଫିସର୍ ରେକର୍ଡ଼, ଫାଇଲ କିମ୍ବା ବ୍ୟବସାୟ ସମ୍ବନ୍ଧିତ କାଗଜପତ୍ରକୁ ରଖନ୍ତୁ ନାହିଁ । କାରଣ ଅଫିସ୍‌ର କାଗଜପତ୍ର ଦେଖିଲେ ବାକି ଥିବା କାମ ମନେପଡ଼େ ଓ ଦିନ ସାରା କରିଥିବା ପରିଶ୍ରମ ମାନସପଟରେ ଭାସିଉଠେ ।

ବେଡ଼ରୁମ୍‌ର ଶେଲ୍ଫ, ଆଲଣା, ଆଲମିରାରେ ଜିନିଷ ଲଦି ରଖନ୍ତୁ ନାହିଁ । କାରଣ ଏହାଦ୍ୱାରା ବେଡ୍‌ରୁମ୍‌ର ଆଭ୍ୟନ୍ତରୀଣ ବାତାବରଣ ଭାରି ତଥା ଅଣନିଃଶ୍ୱାସୀ ଲାଗେ । ଅଗ୍ନିର କାରକ ତତ୍ତ୍ୱ ଯେମିତି କି ଟିଭି, ଅଧିକ ଉଜ୍ଜ୍ୱଳ ଲାଇଟ, ରେଫ୍ରିଜେଟର, ହିଟର୍ ବି ରଖନ୍ତୁ ନାହିଁ । ବାୟୁତତ୍ତ୍ୱରେ ବି ସୀମା ରହିବା ଜରୁରୀ, ଯେମିତିକି ବହୁତ ବଡ଼ ବଡ଼ ଝରକା, କବାଟ, ସ୍କାଇଲାଇଟ ରହିବା ଉଚିତ ନୁହେଁ । ଏଥିସହିତ ଖୁବ୍ ଜୋରରେ ବୁଲୁଥିବା ଫ୍ୟାନ୍, କୁଲର୍ ବି ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ । କାରଣ ଏହାଦ୍ୱାରା ରୁମ୍ ଭିତରେ ଅସ୍ଥିରତା ବଢ଼ିଥାଏ । ବେଡ଼ରୁମ୍‌ର ଫର୍ଣ୍ଣିଚର ସବୁ କାଠର ହେବା ଜରୁରୀ । କାରଣ ଏହା ଶରୀରର ଉର୍ଜାକୁ ବଜାୟ ରଖିଥାଏ । ଧାତୁ କିମ୍ବା ଅନ୍ୟ କୌଣସି ବସ୍ତୁରେ ତିଆରି ଆସବାପତ୍ର ଶରୀରର ଉର୍ଜାକୁ ନିଷ୍କ୍ରିୟ କରିପାରେ ।

ବେଡ଼ରୁମ୍‌ଟି ପ୍ରତି ଘରର ଏକ ଗୁରୁତ୍ୱପୂର୍ଣ୍ଣ କୋଠରୀ । ବେଡ଼ରୁମ୍‌ରେ ବିଶେଷକରି ଟିଭି ରଖନ୍ତୁ ନାହିଁ କିମ୍ବା ଠାକୁର ଘର କରି ବେଡ୍‌ରୁମ୍‌କୁ ସଜାନ୍ତୁ ନାହିଁ । ସେହିପରି ବେଡ଼ ରୁମରେ ଖାଦ୍ୟ ପଦାର୍ଥ ନଖାଇବା ସବୁଠାରୁ ଭଲ । ବିଶେଷକରି କୌଣସି ପରିସ୍ଥିତିରେ ଏହି ରୁମରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ । ଏହି ରୁମ ଭିତରକୁ ଯେପରି ମୁକ୍ତ ପବନ ଆସିବ ସେ ଦିଗକୁ ଦେଖନ୍ତୁ ଏବଂ କୋଠରୀଟିକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଆପଣଙ୍କ ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ସକାରାତ୍ମକ ଭାବନା ବେଡ଼ରୁମର ବାସ୍ତୁଦିଗକୁ ଆହୁରି ଗୁରୁତ୍ୱମୟ ଓ ଆନନ୍ଦମୟ ଗଢ଼ି ତୋଳିବ ।

ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ :
୯୪୩୭୦୩୧୨୫୩

## ପିଲା ଝଗଡ଼ା କରୁଥିଲେ

### ।। ସୁରେଶ କୁମାର ନାୟକ ।।

ଝଗଡ଼ା କରିବା ସାଧାରଣତଃ ପିଲାଙ୍କର ଏକ ସ୍ୱଭାବ । ଅଧିକାଂଶ ସମୟରେ ଦେଖାଯାଏ ପିଲା ବାହାରେ ଝଗଡ଼ା କରି କାହାଠାରୁ ମାଡ଼ ଖାଇ କିମ୍ବା କାହାକୁ ମାଡ଼ ଦେଇ ଘରକୁ ଫେରେ । କେତେକ ଅଭିଭାବକ ଖୁସି ହୋଇଯାଆନ୍ତି ଯେ ଆମ ପିଲା ମାଡ଼ ଖାଇନି ଏବଂ ମାଡ଼ ଦେଇଛି । ଦରକାର ପଡ଼ିଲେ ଏଥିପାଇଁ ସାବାସ୍ କହିବାକୁ ମଧ୍ୟ ପଛାନ୍ତି ନାହିଁ । କିନ୍ତୁ ଯଦି ପିଲାଟି ମାଡ଼ ଖାଇକି ଫେରେ ତାକୁ ଗାଳି ପରେ ଗାଳି କରି ଚାଲନ୍ତି । ହେଲେ ଏପରି କରିବା ପରିବର୍ତ୍ତେ ପିଲାଙ୍କୁ କିପରି ବୁଝାଇବେ ସେ ସମ୍ପର୍କରେ କେତୋଟି କଥା.....

ଘରେ ଝଗଡ଼ା କରିଥିଲେ : ଘରେ ଯେଉଁ ବୟସର ପିଲା ଥାଆନ୍ତୁ ନା କାହିଁକି ବେଳେ ବେଳେ ଝଗଡ଼ା ହୋଇଯାଏ । ଏହି ପରିସ୍ଥିତିରେ ଜଣେ ଭଲ ଅଭିଭାବକ ଭାବେ ଆପଣଙ୍କ ଦାୟିତ୍ୱ ହେଉଛି କାହାର ସପକ୍ଷ ନନେଇ ନିରପେକ୍ଷ ଭାବେ ସମାଧାନ କରନ୍ତୁ । ଦୁଇଜଣଙ୍କୁ ଅଲଗା ଅଲଗା ବୁଝାନ୍ତୁ ଏବଂ ବଡ଼କୁ ସାନର ଆଦର କରିବା ଶିଖାନ୍ତୁ । ଝଗଡ଼ା ବିଷୟରେ ବାହାରେ କୁହନ୍ତୁ ନାହିଁ । କାରଣ ପିଲାଙ୍କୁ ଖରାପ ଲାଗିପାରେ ।

ବାହାରେ ଝଗଡ଼ା କରିଥିଲେ : ଯଦି ଆପଣଙ୍କ ପିଲା ବାହାରେ ଝଗଡ଼ା କରିଥାଏ ତେବେ ଆଦୌ ଖୁସି କିମ୍ବା ବିରକ୍ତି ହୁଅନ୍ତୁ ନାହିଁ । ଏ ସମ୍ପର୍କରେ ସାଙ୍ଗେ ସାଙ୍ଗେ ଅନ୍ୟ ଅଭିଭାବକଙ୍କ ପାଖରେ ଅଭିଯୋଗ କରନ୍ତୁ ନାହିଁ । ଅନ୍ୟ କେହି ଅଭିଯୋଗ କରୁଥିଲେ ଧ୍ୟାନରେ ଶୁଣନ୍ତୁ । କାରଣ ପିଲା ଝଗଡ଼ା କରିବା ପରେ ପୁଣି ଏକାଠି ହୋଇଯିବେ ଏଥିପାଇଁ ଆପଣ ନିଜ ପାଖ ପଡ଼ୋଶୀଙ୍କ ସହିତ ଅପ୍ରିୟ ହୁଅନ୍ତୁ ନାହିଁ ।

ପିଲାକୁ ବୁଝାନ୍ତୁ : ଯଦି ଆପଣଙ୍କ ପାଖକୁ ବାରମ୍ବାର ପିଲାର ଅଭିଯୋଗ ଆସୁଥାଏ ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ କିମ୍ବା ମାଡ଼ଗାଳି ଦିଅନ୍ତୁ ନାହିଁ । ନିଜର ବ୍ୟସ୍ତତା ତାକୁ ଜଣାଇବା ପରିବର୍ତ୍ତେ ଭଲ ଭାବେ ବୁଝାନ୍ତୁ ଯେ, ଝଗଡ଼ା କରୁଥିବା ପିଲା ସହିତ କେହି ସାଙ୍ଗ ହେବାକୁ ଭଲ ପାଆନ୍ତି ନାହିଁ । ଯଦି ସେ ଏହି ପରି ଝଗଡ଼ା କରିବ ତେବେ ତାକୁ କେହି ସାଙ୍ଗ କରିବେ ନାହିଁ ।

ତଥାପି ନ ବୁଝିଲେ : ପ୍ରଥମଥର ନବୁଝିଲେ ତାକୁ ସ୍ନେହରେ ବୁଝାନ୍ତୁ । ଏପରି କରିବା ଦ୍ୱାରା ଯଦି ସେ ନ ବୁଝେ ଆପଣ ଟିକେ ଶକ୍ତ ହୁଅନ୍ତୁ । ତଥାପି ଯଦି ଅବୁଝା ହୁଏ ତେବେ ତାକୁ ଶାସ୍ତି ଦିଅନ୍ତୁ । କିନ୍ତୁ ମନେରଖିବେ ଏହି ଶାସ୍ତି ଯେପରି ମାଡ଼ ନହୁଏ । ଆପଣ କିଛି ସମୟ ପାଇଁ ତା ମନ ପସନ୍ଦ କାର୍ଟୁନ ଶୋ ବନ୍ଦ କରି ଦିଅନ୍ତୁ କିମ୍ବା କିଛି ଦିନ ତାର ମନ ପସନ୍ଦ ଜିନିଷ ଖାଇବାକୁ ଦିଅନ୍ତୁ ନାହିଁ । ଦରକାର ପଡ଼ିଲେ କିଛିଦିନ ତାକୁ ବାହାରକୁ ଖେଳିବାକୁ ମଧ୍ୟ ଛାଡ଼ନ୍ତୁ ନାହିଁ ।

ଆପଣ ଆଦୌ ଭୁଲ ଚିନ୍ତାରେ ଯାଆନ୍ତୁ ନାହିଁ ଯେ ପିଲାଟିର ଝଗଡ଼ା ଅର୍ଥ ତାର ମାନସିକ ଭାବେ ସମ୍ଭବତଃ କୌଣସି ସମସ୍ୟାକୁ ନେଇ ସେ ତା ଆଚରଣରେ ଏହାକୁ ପ୍ରଦର୍ଶିତ କରୁଛି । ପିଲାମାନେ ଉତ୍ତେଜିତ ହେବା ଏପରି ବୟସରେ ଆଦୌ ଏକ ଭଲ ଲକ୍ଷଣ ନୁହେଁ । ପିଲାଟିର ଶାରୀରିକ ଓ ମାନସିକ ବିକାଶ ସହିତ ବୌଦ୍ଧିକ ବିକାଶ ମଧ୍ୟ ଅଗ୍ରଗତି କରୁଛି ସେ ଦିଗକୁ ଟିକେ ଭଲ ଭାବେ ଚିନ୍ତା କରନ୍ତୁ । ପିଲାଟିକୁ ଆଧାତ୍ମିକ ଭାବ ସମ୍ପନ୍ନ କରନ୍ତୁ । ଆପଣ ଯେ କୌଣସି ଦେବାଦେବୀ, ଠାକୁର ବା ଆଧାତ୍ମିକ ଗୁରୁଙ୍କ ଶରଣାପନ୍ନ ହୁଅନ୍ତୁ ନା କାହିଁକି ପିଲାଟିକୁ କିନ୍ତୁ ଏହିପରି ବୟସରେ ଆଧାତ୍ମିକ ଓ ଆନନ୍ଦମୟ ଜୀବନ ବିତାଇବା ପାଇଁ ଶିକ୍ଷାଟି ଦିଅନ୍ତୁ । ପିଲାଟି ଭିତରେ ମାନବୀୟ ମୂଲ୍ୟବୋଧ ଓ ସମସ୍ତଙ୍କୁ ଭଲ ପାଇବା ଏହିପରି ଦିଗ ଗୁଡ଼ିକୁ ଶିକ୍ଷା ଦିଅନ୍ତୁ । କୌଣସି ପରିସ୍ଥିତିରେ ଆପଣଙ୍କର ଆଭିଜାତ୍ୟ, ଅର୍ଥ, ପ୍ରତିପତ୍ତି, କ୍ଷମତା ବା ବାହୁବଳ ଯେ ଦୁନିଆର ସର୍ବୋଚ୍ଚ ଶକ୍ତି ଏ ଶିକ୍ଷା ଯେପରି ପିଲାଟି ଉପରେ ନପଡ଼େ ସେ ଦିଗକୁ ଭୁଲି ଯାଆନ୍ତୁ ନାହିଁ । ପିଲାମାନେ ହେଉଛନ୍ତି ଆମ ସୃଷ୍ଟିର ଶ୍ରେଷ୍ଠ ସର୍ଜନା । ମନେପଡୁଛି କୁନ୍ତଳାକୁମାରୀ ସାବତଙ୍କ ସେହି ସ୍ମରଣୀୟ ଧାଡ଼ିଟି - 'ଆହା କି ସୁନ୍ଦର ଶିଶୁ ଭାବନା ବିହୀନ, ସୁଧାରସ ସିକ୍ତ ତବ ଏ ନବ ଜୀବନ, ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ, ଏ ନବ ଜୀବନେ ନାହିଁ ସଂସାର ଜଞ୍ଜାଳ । ନୈରାଶ୍ୟ ବିଷମ ବିଷେ ନୋହୁଛୁ ଜର୍ଜର ଆଶାଶୂନ୍ୟ, କି ଜାଣୁ ତୁ ଭାର ନୈରାଶ୍ୟର ? ନାହିଁ ଲୋଭ, ନାହିଁ କ୍ରୋଧ, ନାହିଁ ଅହଂକାର, ଉଚ୍ଚପଦ ଅଭିଳାଷ ନାହିଁ ତୋ ଦୁର୍ବାର ।'

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ

## ବ୍ରହ୍ମ ଉପାସନାର ଧର୍ମ ମହିମା ଧର୍ମ

### ।। ଅଲେଖ ଚନ୍ଦ୍ର ସାମଲ ।।

ତ୍ୟାଗ, ତପସ୍ୟା, ଆତ୍ମଜ୍ଞାନ, ବ୍ରହ୍ମଦୀକ୍ଷା ଓ ବ୍ରହ୍ମଉପାସନାର ଧର୍ମ ମହିମା ଧର୍ମ । ସକଳ ମତବାଦର ସାର ନିର୍ଯାସ ବିଶୁଦ୍ଧ ଅଦ୍ୱୈତ ବ୍ରହ୍ମବାଦରେ ଏହା ପରିପୁଷ୍ଟ ଓ ପରିବର୍ଦ୍ଧିତ । ଏକଦା ପବିତ୍ର ଉତ୍କଳଭୂମିର ଯୋଉନ୍ଦାରେ ଅଙ୍କୁରିତ ହୋଇଥିବା ଏହି ଲୁମାଙ୍କର୍ଣ୍ଣୀ ବିଶାଳ ଧର୍ମବୃକ୍ଷ ସମଗ୍ର ଭାରତବର୍ଷକୁ ଧାର୍ମିକ ଚେତନାରେ ପ୍ଲାବିତ କରୁଛି । ଗୁରୁ ମହିମାସ୍ୱାମୀଙ୍କ ଯୋଗ୍ୟ ଆଜ୍ଞାବହ ଭାବେ ପ୍ରଥମପନ୍ଥୀ, ଦ୍ୱିତୀୟପନ୍ଥୀ ଓ ବାର୍ତ୍ତମାନିକ ତୃତୀୟପନ୍ଥୀ ବଳକଳଧାରୀ ଅବଧୂତ ସନ୍ନ୍ୟାସୀ ଧର୍ମପ୍ରଚାର ପ୍ରାରମ୍ଭରୁ ଆଜିଯାଏ ମହିମା ଧର୍ମଧାମର ସୁରକ୍ଷା, ସମୃଦ୍ଧି ଅକ୍ଷୁଣ୍ଣ ରଖି ଆସିଛନ୍ତି । ଗୁରୁସ୍ୱାମୀ ମହିମା ପ୍ରଭୁଙ୍କ ଆଜ୍ଞାରେ କ୍ରମିକ ପରମ୍ପରା ସିଦ୍ଧପନ୍ଥୀ ପୂଜ୍ୟ ବଳକଳଧାରୀ ପର ସନ୍ନ୍ୟାସୀବୃନ୍ଦଙ୍କ ନେତୃତ୍ୱ ଦ୍ୱାରା ହିଁ 'ଏକ ପ୍ରଭୁ, ଏକ ଧର୍ମ, ଏକ ଧାମ ଓ ଏକ ସମାଜ - ମହିମାଧର୍ମ ଧାମ ସମାଜ' ବହୁ ବାଧା ପ୍ରତିବନ୍ଧକ ସତ୍ତ୍ୱେ ସଂପୂଜିତ ଓ ସଂବର୍ଦ୍ଧିତ ହୋଇପାରିଛି । ପ୍ରଭୁଙ୍କ ଆଜ୍ଞା ଏହି ଯେ 'ମହିମାଙ୍କ ନାମ ରହିବ ଓ ମହିମାଙ୍କ ଧାମ ରହିବ' । ଶରୀରରୁ ହାତ ଅଲଗା ହୋଇ ଶରୀର । ବୃକ୍ଷରୁ ପତ୍ର ଅଲଗା ହୋଇ ବୃକ୍ଷ କଦାପି ହୋଇପାରିବ ନାହିଁ । ଶରୀର ବା ବୃକ୍ଷରେ ହିଁ ଏମାନଙ୍କର ପରିଚୟ । ତେଣୁ ଏହି ଲକ୍ଷ୍ୟରେ ଧର୍ମସଂଘକୁ ଅଧିକ ଦୃଢ଼ୀଭୂତ କରିବା ପାଇଁ ତ୍ୟାଗମୂର୍ତ୍ତୀ ଅବଧୂତ ବାବାଙ୍କ ନେତୃତ୍ୱରେ କିଛିବର୍ଷ ପୂର୍ବେ ସାପ୍ତାହିକ ଧାର୍ମିକ ଅଧିବେଶନର ଶୁଭାରମ୍ଭ କରାଯାଇଥିଲା । ସେହିଦିନଠାରୁ ଆଜିଯାଏ ଭ୍ରମଣଶୀଳ ଓ ଗାଦି ନୀତିସେବା ନିଯୁକ୍ତ ସାଧୁସନ୍ଥ, ତ୍ୟାଗୀବୈରାଗୀ, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପ୍ରତ୍ୟକ୍ଷ ସମାଗମରେ ମହିମାଗାଦି ସଦରଚୌପାଢ଼ୀ ନିକଟ ସଭାମଣ୍ଡପଠାରେ ପ୍ରତି ବୁଧବାର ଦିନ ଏହା ସଫଳତାର ସହ ଅନୁଷ୍ଠିତ ହୋଇଆସୁଛି ।

ଭୀମଭୋଇ ପ୍ରଭୁ ମହିମାସ୍ୱାମୀଙ୍କ ଠାରୁ ଉପଦେଶ ଓ କବିତା ଶକ୍ତି ପ୍ରାପ୍ତ ହୋଇ ମହିମାଧର୍ମର ପ୍ରଥମ ଗୃହସ୍ଥ ଭକ୍ତ ହେବାର ଗୌରବ ଅର୍ଜନ କରିଥିଲେ । ଏହି ଧର୍ମ କାହାର ବିରୋଧାଭାସ ନୁହେଁ, ବରଂ ହିନ୍ଦୁଧର୍ମର ବିଶୁଦ୍ଧ ରୂପାନ୍ତର ଓ ବେଦାନ୍ତସିଦ୍ଧ ଧର୍ମ ଅଟେ । ସତ୍ୟ ମହିମା ଧର୍ମ ଗ୍ରନ୍ଥକୋଷ ସମିତି, ମହିମାଗାଦି ଦ୍ୱାରା ବିଭିନ୍ନ ଭାଷାରେ ପ୍ରକାଶିତ ଏହି ଧର୍ମର ପ୍ରାମାଣିକ ଧର୍ମଗ୍ରନ୍ଥଗୁଡ଼ିକ ଯଥା - ସତ୍ୟ ମହିମା ଧର୍ମ ପ୍ରତିପାଦକ, ମହିମା ଧର୍ମ ଇତିହାସ, ମହିମାଗାଦି ମହିମାଧାମ ଇତିହାସ, ସର୍ବବେଦବେଦାନ୍ତ ସାର ତତ୍ତ୍ୱ, ଶିରୋମଣି ସିଦ୍ଧସାଧୁ ଚରିତ୍ରାମୃତ, ଗୃହସ୍ଥ ଶୁଭକର୍ମ ବିଧାନାଦି ଓ ଭୀମଭୋଇ କୃତ ସ୍ତୁତି ଚିନ୍ତାମଣି, ବ୍ରହ୍ମନିରୂପଣ ଗୀତା, ଭଜନ ଚଉତିଶା ପ୍ରଭୃତି ଅନ୍ୟତମ ।

ପୂର୍ବତନ ଡିଏଫଓ, ପଲାଇ, ବାଳିଚନ୍ଦ୍ରପୁର, ଯାଜପୁର, ଦୂରଭାଷ :
୯୪୩୭୨୫୬୧୨୩

## ସତରେ ଔରଙ୍ଗଜେବ କ'ଣ ମହାନ !

### ।। ଗୋଲଖ ଚନ୍ଦ୍ର ଦାସ ।।

ଖବରରେ ଔରଙ୍ଗଜେବ । ମୋଗଲ ଶାସକ ଔରଙ୍ଗଜେବଙ୍କୁ ନେଇ ଗତ କିଛି ଦିନ ଧରି ଦେଶର ରାଜନୀତିରେ ଏକ ବିତର୍କ ଚାଲିଛି । ମହାରାଷ୍ଟ୍ରରେ ଔରଙ୍ଗଜେବଙ୍କୁ ନେଇ ପ୍ରବଳ ବିରୋଧ ପ୍ରଦର୍ଶନ ଚାଲିଛି । ନାଗପୁରର ମହଲ ଏବଂ ହଂସପୁରୀରେ ହିଂସା ଘଟିଥିଲା ଏବଂ ଏହା ଯୋଗୁଁ ଅନେକ ଲୋକ ଆହତ ହୋଇଥିଲେ । ଏବେ ଏହି ବିତର୍କ ମହାରାଷ୍ଟ୍ରରୁ ଦେଶର ରାଜନୈତିକ ଦୃଷ୍ଟିରୁ ସର୍ବବୃହତ ରାଜ୍ୟ ଉତ୍ତର ପ୍ରଦେଶ ଏବଂ ଅନ୍ୟାନ୍ୟ ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକୁ ବ୍ୟାପିଛି । ଟିଭି ଚ୍ୟାନେଲ ଏବଂ ସୋସିଆଲ ମିଡିଆରେ ମଧ୍ୟ ଔରଙ୍ଗଜେବଙ୍କ ଶାସନ ସମ୍ପର୍କରେ ଇତିହାସର ପୃଷ୍ଠା ଓଲଟାଇ ନାନା ପ୍ରକାରର ଯୁକ୍ତି ଦିଆଯାଉଛି । 'ଛାଭା' ଚଳଚ୍ଚିତ୍ର ବଡ଼ ପରଦାରେ ଆସିବା ପରେ ଔରଙ୍ଗଜେବଙ୍କ ବିଷୟରେ ଏହି ବିତର୍କ ଆରମ୍ଭ ହୋଇଥିଲା । କିନ୍ତୁ ମହାରାଷ୍ଟ୍ର ଏସପି ସଭାପତି ଆବୁ ଆଜମୀ ମୋଗଲ ଶାସକ ଔରଙ୍ଗଜେବ ନିଷ୍ଠୁର ନଥିଲେ ବୋଲି କହି ନିଆଁରେ ଘିଅ ଢାଳିଦେଇଛନ୍ତି । ଏବେ ଦୁଇଟି ଘଟଣା ପୁଣି ଥରେ ଔରଙ୍ଗଜେବଙ୍କ ବିରୁଦ୍ଧରେ ସମାଜର କ୍ରୋଧକୁ ପ୍ରଜ୍ୱଳିତ କରିଦେଇଛି । ଗୋଟିଏ ପଟେ ସମଗ୍ର ଦେଶ ଏବଂ ବିଶ୍ୱକୁ 'ଛାଭା' ଚଳଚ୍ଚିତ୍ର ମାଧ୍ୟମରେ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ମହାନ ବ୍ୟକ୍ତିତ୍ୱକୁ ଦେଖିବାର ସୁଯୋଗ ମିଳିଥିଲା, ଯାହା ଲୋକଙ୍କୁ ଔରଙ୍ଗଜେବଙ୍କ ବାସ୍ତବତା ବିଷୟରେ ଅବଗତ କରିଥିଲା । ଅନ୍ୟପକ୍ଷରେ ସପା ନେତା ଅବୁ ଆଜମୀର ଘୃଣିତ ବୟାନ ଲୋକଙ୍କୁ ପସନ୍ଦ ଆସିନଥିଲା । ମନେରଖନ୍ତୁ ସମଗ୍ର ଭାରତ ଏବଂ ବିଶେଷକରି ମହାରାଷ୍ଟ୍ରର ସମାଜ ଛତ୍ରପତି ଶିବାଜୀ ମହାରାଜ ଏବଂ ତାଙ୍କ ପୁଅ ସମ୍ଭାଜୀ ମହାରାଜଙ୍କ ପ୍ରତି ଅଶେଷ ସମ୍ମାନ ରହିଛି । ଏହି ସମାଜ ଏବେ ବି ଔରଙ୍ଗଜେବଙ୍କ ଅତ୍ୟାଚାରର ସ୍ମୃତିକୁ ଜୀବିତ ରଖିଛି । ୧୬୮୯ ମସିହାରେ ଔରଙ୍ଗଜେବ ବିଶ୍ୱାସଘାତକତା କରି ଛତ୍ରପତି ସମ୍ଭାଜୀ ମହାରାଜଙ୍କୁ ବନ୍ଦୀ କରିଥିଲା । ସେମାନଙ୍କ ଉପରେ ଯେଉଁ ଅମାନବୀୟ ଅତ୍ୟାଚାର କରାଯାଇଥିଲା ତାହା ଯେକୌଣସି ସଭ୍ୟ ସମାଜ ପାଇଁ ବିରକ୍ତିକର । ତାଙ୍କ ଆଖି ଉପାଡ଼ି ଦିଆଯାଇଥିଲା, ନଖ ଉପାଡ଼ି ଦିଆଯାଇଥିଲା, ଜିଭ କଟା ଯାଇଥିଲା, କିନ୍ତୁ ସେ ଇସଲାମ ଗ୍ରହଣ କରିନଥିଲେ ।

ଯେତେବେଳେ ସମାଜ ଏହିପରି ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛି ଯିଏ ନିଜ ଧର୍ମ ଏବଂ ମାତୃଭୂମି ପାଇଁ ନିଜ ଜୀବନକୁ ବଳିଦାନ ଦେଇଛନ୍ତି, ସେହି ସମୟରେ କେହି ଜଣେ ଔରଙ୍ଗଜେବଙ୍କୁ ପ୍ରଶଂସା କରୁଛନ୍ତି, ତେବେ ଏହା ଅପମାନଜନକ ନୁହେଁ ତେବେ ଆଉ କ'ଣ ?

ନିକଟରେ ମହାକୁମ୍ଭ ସମାପ୍ତ ହୋଇଛି । କୁମ୍ଭ ଆମକୁ ଔରଙ୍ଗଜେବଙ୍କ ବର୍ବରତାର କଥା ମଧ୍ୟ ମନେ ପକାଇ ଦିଏ । ୧୬୬୬ ମସିହାରେ ଔରଙ୍ଗଜେବ ହରିଦ୍ୱାରର କୁମ୍ଭମେଳା ଉପରେ ଆକ୍ରମଣ କରି ହଜାର ହଜାର ହିନ୍ଦୁଙ୍କୁ ହତ୍ୟା କରିଥିଲା । ଏହା କେବଳ ହତ୍ୟା ନଥିଲା ବରଂ ହିନ୍ଦୁ ବିଶ୍ୱାସକୁ ଅପବିତ୍ର କରିବାର ଏକ ପ୍ରୟାସ ଥିଲା । ଔରଙ୍ଗଜେବଙ୍କ ନିର୍ଦ୍ଦେଶରେ କେବଳ କାଶୀ ଏବଂ ମଥୁରାର ମନ୍ଦିର ଭାଙ୍ଗି ଦିଆଗଲା ନାହିଁ ବରଂ ସୋମନାଥ ମନ୍ଦିରକୁ ଧ୍ୱଂସ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । ଧର୍ମାନ୍ଧ ଔରଙ୍ଗଜେବ ଗୁଜରାଟର ରାଜ୍ୟପାଳଙ୍କୁ ଏକ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲା ଯେ ଯଦି ସେଠାରେ ପୁଣି ଥରେ ମୂର୍ତ୍ତି ପୂଜା ଆରମ୍ଭ ହୁଏ, ତେବେ ସେହି ମନ୍ଦିରକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯାଉ । ଔରଙ୍ଗଜେବ ୯ ଏପ୍ରିଲ୍ ୧୬୬୯ରେ ହିନ୍ଦୁ ମନ୍ଦିରଗୁଡ଼ିକୁ ଭାଙ୍ଗିବା ପାଇଁ ଏକ ଆଦେଶ ଜାରି କରିଥିଲା । କାଶୀ ବିଶ୍ୱନାଥ ମନ୍ଦିର, ମଥୁରାର କେଶବ ଦେବ ରାୟ ମନ୍ଦିର ଏବଂ ଅଯୋଧ୍ୟାର ଅନେକ ମନ୍ଦିର ଧ୍ୱଂସ ମୋଗଲମାନଙ୍କ ନିଷ୍ଠୁରତା ଏବଂ ଧାର୍ମିକ କଟ୍ଟରତାର ଏହା ହେଉଛି ପ୍ରମାଣ ।

ବାମପନ୍ଥୀ ଇତିହାସକାରମାନେ ପ୍ରମାଣ କରିବାକୁ ଚେଷ୍ଟା କରନ୍ତି ଯେ ପୂଜ୍ୟ ଗୁରୁ ତେଗ ବାହାଦୁରଜୀଙ୍କୁ ରାଜନୈତିକ କାରଣରୁ ହତ୍ୟା କରାଯାଇଥିଲା । କିନ୍ତୁ ସତ୍ୟ ହେଉଛି ଯେ ସେ କାଶ୍ମୀରୀ ହିନ୍ଦୁମାନଙ୍କର ଧାର୍ମିକ ସ୍ୱାଧୀନତାର ସୁରକ୍ଷା ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିଲେ । ସେମାନଙ୍କୁ ଇସଲାମ ଗ୍ରହଣ କରିବାକୁ ବାଧ୍ୟ କରାଯାଇଥିଲା । ଏବଂ ଯେତେବେଳେ ସେମାନେ ମନା କଲେ, ସେମାନଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ଏହି କାରଣରୁ ତାଙ୍କୁ 'ହିନ୍ଦ କି ଚାଦର' କୁହାଯାଏ ।

୧୬୭୯ ମସିହାରେ ଔରଙ୍ଗଜେବ ହିନ୍ଦୁମାନଙ୍କ ଉପରେ ଜଜିୟା କର ପୁନଃ ଲାଗୁ କରିଥିଲା । ଜଜିୟା ଏକ ସରକାରୀ ଟିକସ ନଥିଲା ବରଂ 'କାଫିର' ଅର୍ଥାତ୍ ହିନ୍ଦୁମାନଙ୍କଠାରୁ ଆଦାୟ କରାଯାଉଥିବା ଏକ ଇସଲାମିକ ଆଦାୟ ଥିଲା, ଯାହା ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କରିବା ଏବଂ ଶେଷରେ ସେମାନଙ୍କୁ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ କରିଥିଲା । ରାଜପୁତମାନଙ୍କ ପ୍ରତି ଔରଙ୍ଗଜେବଙ୍କ ନୀତି ସମ୍ପୂର୍ଣ୍ଣ ବିସ୍ତାରବାଦୀ ଏବଂ ନିଷ୍ଠୁର ଥିଲା । ସେ ମାରୱାଡ଼ (ଯୋଧପୁର) ଏବଂ ମେୱାଡ଼ (ଉଦୟପୁର) ଆକ୍ରମଣ କରିଥିଲା ଏବଂ ହଜାର ହଜାର ରାଜପୁତଙ୍କୁ ହତ୍ୟା କରିଥିଲା । ଔରଙ୍ଗଜେବଙ୍କ ନୀତି କେବଳ ମନ୍ଦିର ଧ୍ୱଂସ କରିବା ପର୍ଯ୍ୟନ୍ତ ସୀମିତ ନଥିଲା । ସେ ହିନ୍ଦୁ ଧର୍ମର ପ୍ରତୀକ ଏବଂ ପରମ୍ପରାକୁ ମଧ୍ୟ ଅପମାନିତ କରିଥିଲା । ତାଙ୍କ ଶାସନ କାଳରେ ଗୋହତ୍ୟାକୁ ଉତ୍ସାହିତ କରାଯାଉଥିଲା ଏବଂ ହିନ୍ଦୁ ଧାର୍ମିକ ସ୍ଥଳରେ ଜାଣିଶୁଣି ଗୋମାଂସ ଫିଙ୍ଗାଯିବାର ଅନେକ ଘଟଣା ଘଟିଥିଲା ।

ଔରଙ୍ଗଜେବଙ୍କୁ ଉଦାରବାଦୀ ପ୍ରମାଣିତ କରିବା ପାଇଁ ବାମପନ୍ଥୀ ପ୍ରତାରଣା ଏବଂ ଏହାର ବାସ୍ତବତା ହେଉଛି- ପ୍ରଶାସନରେ ହିନ୍ଦୁମାନଙ୍କୁ ନିଯୁକ୍ତି ପ୍ରକୃତରେ ତାଙ୍କ କ୍ଷମତା ବଜାୟ ରଖିବା ପାଇଁ ଏକ ବାଧ୍ୟବାଧକତା ଥିଲା, ସହନଶୀଳତା ନୁହେଁ । ଔରଙ୍ଗଜେବଙ୍କ ସହନଶୀଳତା ଏବଂ ହିନ୍ଦୁମାନଙ୍କ ପ୍ରତି ଭଲ ମନୋଭାବ ଥିବାର କୌଣସି ପ୍ରମାଣ ନାହିଁ । କିଛି ମନ୍ଦିରକୁ ଦାନ: ଏହା ଏକ ରାଜନୈତିକ ଚାଲ ଥିଲା, କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ ଥିଲା ପ୍ରମୁଖ ମନ୍ଦିରଗୁଡ଼ିକୁ ଧ୍ୱଂସ କରିବା । କିଛି ବାମପନ୍ଥୀ ଲେଖକ ତାଙ୍କୁ ନ୍ୟାୟବାଦୀ ବୋଲି ଦାବି କରୁଛନ୍ତି । ଯଦି ସେ ନ୍ୟାୟବାଦୀ ହୋଇଥାନ୍ତା, ତେବେ ସେ ତାଙ୍କ ନିଜ ଭାଇମାନଙ୍କୁ ହତ୍ୟା କରିନଥାନ୍ତା ଏବଂ ତାଙ୍କ ପିତାଙ୍କୁ କାରାଗାରରେ ବନ୍ଦୀ କରି ନଥାନ୍ତା । ଔରଙ୍ଗଜେବଙ୍କ ପ୍ରଶଂସା କରିବା ଗ୍ରହଣୀୟ ନୁହେଁ କାରଣ ଏହି ନାମ ଇତିହାସରେ ଲିପିବଦ୍ଧ କିଛି ନାମ ମଧ୍ୟରୁ ଗୋଟିଏ ଯାହାକୁ ଭୁଲିଯିବା କେବଳ କଷ୍ଟକର ନୁହେଁ ବରଂ ଅସମ୍ଭବ । ସେ କେବଳ ଜଣେ ଶାସକ ନଥିଲା ବରଂ ଜଣେ କଠୋର ଧାର୍ମିକ ଅତ୍ୟାଚାରୀ ଥିଲା ଯିଏ ହିନ୍ଦୁ ଏବଂ ଶିଖମାନଙ୍କ ପ୍ରତି ଅତ୍ୟନ୍ତ ନିଷ୍ଠୁରତା ପ୍ରଦର୍ଶନ କରିଥିଲା । ଯେତେବେଳେ କେହି ଔରଙ୍ଗଜେବଙ୍କୁ ପ୍ରଶଂସା କରନ୍ତି, ଏହା କେବଳ ଇତିହାସକୁ ବିକୃତ କରିବାର ପ୍ରୟାସ ନୁହେଁ ବରଂ ତାଙ୍କ ଆତଙ୍କ ଦ୍ୱାରା ପୀଡିତ ଲକ୍ଷ ଲକ୍ଷ ନିରୀହ ଭାରତୀୟଙ୍କ ବଳିଦାନର ଅପମାନ ।

ଔରଙ୍ଗଜେବ ଏବେ ଅପ୍ରାସଙ୍ଗିକ କିନ୍ତୁ ତାଙ୍କ ବିଷୟରେ ଆଲୋଚନା ହେଉଥିବା ବିଷୟ ନୁହେଁ । ତାଙ୍କ କବରକୁ ଯିବା, ଫାତିହା ପାଠ କରିବା, ଫୁଲ ଅର୍ପଣ କରିବା ଏବଂ ତାଙ୍କୁ ମହିମାମଣ୍ଡନ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ଏବଂ ଏହା ନିନ୍ଦନୀୟ । ଔରଙ୍ଗଜେବଙ୍କ ଭୁଲ ନୀତି ଯୋଗୁଁ ମୋଗଲମାନଙ୍କର ପତନ ଘଟିଥିଲା । ଯାହାଙ୍କ ସମୟରେ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟ ନିର୍ମମ ଅତ୍ୟାଚାରର ଶିକାର ହୋଇଥିଲେ, ଯେଉଁ ଶାସକ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ ଏବଂ ଯିଏ ସର୍ବାଧିକ ସଂଖ୍ୟକ ବିଦ୍ରୋହର ସମ୍ମୁଖୀନ ହୋଇଥିଲେ, ତେବେ ଏଭଳି ଜଣେ ଶାସକଙ୍କୁ କ'ଣ ମହାନ କୁହାଯାଇ ପାରିବ ? ପ୍ରକୃତରେ ଏପରି ଜଣେ ନିଷ୍ଠୁର ଏବଂ ଅସଫଳ ଶାସକଙ୍କୁ ମହାନ କହିବା ମାନସିକ ଦେବାଳିଆ ବ୍ୟତୀତ ଆଉ କିଛି ନୁହେଁ । ଏହା ପ୍ରଥମ ଥର ନୁହେଁ ଯେ ସମାଜ ତାଙ୍କ ନାମ ପ୍ରତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଇତିହାସରେ ଏପରି କିଛି ନାମ ଅଛି ସେମାନଙ୍କ ପ୍ରକୃତ ଇତିହାସ ଶୁଣିଲେ କ୍ରୋଧ ସମ୍ବରଣ କରିହେବ ନାହିଁ । ଏହା କୌଣସି ପକ୍ଷପାତର ଫଳାଫଳ ନୁହେଁ, ବରଂ ଐତିହାସିକ ଯନ୍ତ୍ରଣାର ସ୍ୱାଭାବିକ ବିସ୍ଫୋରଣ । ଏହି ଯନ୍ତ୍ରଣା ଯାହାକୁ ବାମପନ୍ଥୀ ଇତିହାସକାରମାନେ ବାରମ୍ବାର ଘୋଡାଇ ରଖିବାକୁ ଚେଷ୍ଟା କରିଛନ୍ତି । ଶିକ୍ଷା କ୍ଷେତ୍ରରେ ସେମାନଙ୍କୁ ଦକ୍ଷ ପ୍ରଶାସକର ପୋଷାକରେ ଘୋଡାଇ ପ୍ରମାଣ କରିବାକୁ ଚେଷ୍ଟା କରାଯାଇଛି । କିନ୍ତୁ ପ୍ରଶ୍ନ ହେଉଛି, ଯୁକ୍ତିର ଆବରଣ ତଳେ ଜଣେ ଅତ୍ୟାଚାରୀର ଦୁଷ୍କର୍ମକୁ କେତେଦିନ ପାଇଁ ଲୁଚାଇ ରଖାଯାଇପାରିବ ?

ଘିଗିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୮୬୧୦୬୯୫୫୩

